# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**06th May – 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ରାଜ୍ୟର ୧୨ଟି ସ୍ଥାନରେ ଆସନ୍ତାକାଲି ଅପରାହ୍ଣରେ କରାଯିବ ମକଡ୍ରିଲ୍
- ୫ ହଜାର ୬୩୧ କୋଟି ଟଙ୍କା ବ୍ୟୟରେ ୩ଟି ପର୍ଯ୍ୟାୟରେ ନିର୍ମାଣ ହେବ ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର
- ମୁସଲିମ୍ ସମ୍ପ୍ରଦାୟର ଗରିବ ଲୋକମାନଙ୍କ ସମାବେଶୀ ଅଭିବୃଦ୍ଧିରେ ଓ୍ବକଫ ସଂଶୋଧନ ବିଲ୍ ସହାୟକ ହୋଇପାରିବ; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- କୃଷି କ୍ଷେତ୍ରର ବିକାଶରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରାଯାଇ ଚାଷୀମାନଙ୍କର ଜୀବନ ଧାରଣରେ ଉନ୍ନତି ଅଣାଯାଇ ପାରିବ; କହିଲେ ବିଭାଗୀୟ ମନ୍ତ୍ରୀ

## ଥାଲାସେମିଆ

ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ **ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ଆଶୁ ଚିକିତ୍ସା ବିଭାଗର ଉପର ମହଲାରେ ୧୦ ଶଯ୍ୟାବିଶିଷ୍ଟ ଏହି ୱାର୍ଡ ଗତକାଲିଠାରୁ କାର୍ଯ୍ୟକ୍ଷମ ହୋଇଛି। ପ୍ରତିଦିନ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ୱାର୍ଡରେ ଥାଲାସେମିଆ ଆକ୍ରାନ୍ତ ରୋଗୀଙ୍କୁ ରକ୍ତ ଦିଆଯିବ। ରୋଗୀଙ୍କ ସୁବିଧା ନିମନ୍ତେ ସମ୍ପୂର୍ଣ୍ଣ ୱାର୍ଡ ପ୍ରକୋଷ୍ଠକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଆବଶ୍ୟକସ୍ଥଳେ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବାକୁ କାଜୁଆଲିଟି ମେଡିକାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ରୋଗୀଙ୍କୁ ଠିକ୍ ସମୟରେ ରକ୍ତ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ବିଭିନ୍ନ ଜିଲ୍ଲାର ପ୍ରାୟ ୫୦୦ରୁ ଥାଲାସେମିଆ ଆକ୍ରାନ୍ତ ରୋଗୀ ଏମ୍‌କେସିଜି ମେଡିକାଲ ରକ୍ତଭଣ୍ଡାର ଉପରେ ନିର୍ଭର କରୁଛନ୍ତି।

## ଆଲୋଚନାଚକ୍ର

**ମାଲକାନଗିରି** ଜିଲ୍ଲା ସଦର ମହକୁମାରେ ବିଜେପି ପକ୍ଷରୁ ‘ଏକ ଦେଶ ଏକ ନିର୍ବାଚନ’କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନିର୍ବାଚନ ସମୟରେ ଅର୍ଥରାଶି ଖର୍ଚ୍ଚ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ବୁଦ୍ଧିଜୀବୀ, ଆଇନ୍‌ଜୀବୀ ଓ ବ୍ୟବସାୟୀ ଉପସ୍ଥିତ ରହି ଏ ସମ୍ବନ୍ଧରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ନୂଆପଡା** ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ **A-1** ଓ **A-2** ଗ୍ରେଡ୍ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାସ ସମ୍ବର୍ଦ୍ଧିତ କରିଛନ୍ତି। ଚଳିତବର୍ଷ **A-1** ଗ୍ରେଡ୍‌ରେ ଜିଲ୍ଲାର ୨ ଜଣ ଛାତ୍ରୀ ଥିବାବେଳେ **A-2** ଗ୍ରେଡ୍‌ରେ ରେକର୍ଡ ସଂଖ୍ୟକ ୯୯ ଜଣ ଛାତ୍ରଛାତ୍ରୀ ଅଛନ୍ତି।

## ବାଣ ବିସ୍ଫୋରଣ

**ଭଦ୍ରକ**-ଚାନ୍ଦବାଲି ରାସ୍ତାର ହଳଦୀଡିହଠାରେ ବାଣ ଗୋଦାମରେ ବିସ୍ଫୋରଣ ଘଟଣାରେ ଚିକିତ୍ସିତ ହେଉଥିବା ୨ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ୨ ଜଣଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ଅପରାହ୍ଣରେ ସେମାନଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

## ଅଗ୍ନି ନିରାପତ୍ତା

ରାଜ୍ୟର ସରକାରୀ ହସ୍‌ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ପାଇଁ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଶାସନ ସଚିବ ଅଶ୍ୱନ୍ତୀ ଏସ୍. ବୈଠକରେ ଉପସ୍ଥିତ ରହି ସଠିକ୍ ସମୟରେ ସରକାରୀ ହସ୍‌ପିଟାଲଗୁଡ଼ିକରେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରାଇବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମେଡିକାଲ କଲେଜ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ହସପିଟାଲ୍‌ଗୁଡ଼ିକରେ ଥିବା ଅସ୍ତ୍ରୋପଚାର କକ୍ଷ, ଆଇସିୟୁ, ନବଜାତମାନଙ୍କ

ପାଇଁ ସ୍ୱତନ୍ତ୍ର କେୟାର ୟୁନିଟ୍  ଆଦି ସ୍ଥାନମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସୁରକ୍ଷା ମକ୍‌ଡ୍ରିଲ୍, ଅଗ୍ନି ନିରାପତ୍ତା ସମ୍ପର୍କିତ ଅଂଶୀଦାରମାନଙ୍କ ସହ ସମୀକ୍ଷା ବୈଠକ ଓ ବୈଦ୍ୟୁତିକ ଯନ୍ତ୍ରପାତି-ଅଗ୍ନି ନିର୍ବାପକ ଉପକରଣଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଆଦି ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଚଳିତ ଆର୍ଥିକବର୍ଷରେ ସରକାରୀ ଡାକ୍ତରଖାନାଗୁଡ଼ିକରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ୩୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି।

## ୱକଫ୍ ସଂଶୋଧନ କର୍ମଶାଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍‌ଠାରେ ଆୟୋଜିତ ୱକଫ୍ ବିଲ୍ ସଂଶୋଧନ କର୍ମଶାଳାରେ ଯୋଗଦେଇଛନ୍ତି। ୱକଫ୍ ସଂଶୋଧିତ ବିଲ୍ ମୁସଲିମ୍ ସମ୍ପ୍ରଦାୟର ଗରିବ ଲୋକଙ୍କ ସାମାଜିକ, ଆର୍ଥିକ ନ୍ୟାୟ ଓ ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ବିଲ୍ ସମ୍ପର୍କରେ ତୃଣମୂଳସ୍ତରରେ ଜନ ସଚେତନତା ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ କର୍ମଶାଳାରେ ଗୁରୁତ୍ୱାରୋପ କରିଥିଲେ।

**-V/O-***(CM)*

## କୃଷି ବୈଠକ-ଉପମୁଖ୍ୟମନ୍ତ୍ରୀ

କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ କୃତ୍ରିମ ବୁଦ୍ଧିମତା-ଏଆଇର ଉପଯୋଗ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ କୃଷକଙ୍କୁ ସମୟୋପଯୋଗୀ କୃଷି ସୂଚନା ପ୍ରଦାନ କରି ଉତ୍ପାଦନରେ ଅଭିବୃଦ୍ଧି ଆଣିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କୃଷି କ୍ଷେତ୍ରର ବିକାଶରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। କୃତ୍ରିମ ବୁଦ୍ଧିମତାର ବ୍ୟବହାର ପରେ ଅଧିକ ସଂଖ୍ୟକ ଚାଷୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି। ସୂଚନା ଅନୁସାରେ, କେନ୍ଦ୍ର ସରକାର ୩୩ଟି ଫସଲ ପାଇଁ ବୈଷୟିକ ସହାୟତା ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ଅମିତ୍ ଶାହ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆସନ୍ତା ୧୦ ତାରିଖ ଶନିବାର ଦିନ ସମ୍ବଲପୁର ଗସ୍ତରେ ଆସିବେ। ଶ୍ରୀ ଶାହଙ୍କ ଗସ୍ତ କାର୍ଯ୍ୟକ୍ରମର ସୂଚନା ଅନୁସାରେ, ପ୍ରଥମେ ମା' ସମଲେଶ୍ୱରୀଙ୍କ ଦର୍ଶନ ପରେ ଅଇଁଠାପାଲୀ ପିଏଚ୍‌ଡି ପଡିଆରେ ଏକ ସାଧାରଣ ସଭାରେ ଯୋଗଦେବେ। ସେହିଦିନ ଅପରାହ୍ଣରେ ସ୍ୱରାଷ୍ଟ୍ରମନ୍ତ୍ରୀ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ୍ ସୁପର ସ୍ପେଶିଆଲିଟି ହସ୍‌ପିଟାଲର ଉଦ୍‌ଘାଟନ କରିବେ।

## ପୁରୀ-ବିମାନବନ୍ଦର

ପୁରୀଠାରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ୩ଟି ପର୍ଯ୍ୟାୟରେ ନିର୍ମାଣ ହେବ। ସିପ-ସରୁବାଲି ଓ ଷଣ୍ଢପୁର ରାଜସ୍ୱ ମୌଜାରେ ସରକାରଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୧ ହଜାର ୧୬୪ ଏକର ଜମିରେ ବିମାନବନ୍ଦର ନିର୍ମାଣ କରାଯିବ। ସରକାର ବିମାନ ବନ୍ଦର ନିର୍ମାଣ ପାଇଁ ୫ ହଜାର ୬୩୧ କୋଟି ଟଙ୍କା ଖର୍ଚ୍ଚ କରିବେ। ସରକାରୀ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ବିମାନବନ୍ଦରୁ ବର୍ଷକୁ ପ୍ରାୟ ୪୬ ଲକ୍ଷ ଯାତ୍ରୀ ବିମାନ ଯାତ୍ରାର ସୁବିଧା ପାଇପାରିବେ।

ପୁରୀ ବିମାନବନ୍ଦ ନିର୍ମାଣ ଦ୍ୱାରା ରାଜ୍ୟରେ ଆଂଚଳିକ ସଂଯୋଗୀକରଣ ବୃଦ୍ଧି ହେବା ସହିତ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପବିତ୍ର ପୁରୀ ସହର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଯାତ୍ରା ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀ ବିମାନ ବନ୍ଦର ନିର୍ମାଣ ପାଇଁ ଅନୁମୋଦନ ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁଙ୍କୁ **ମୁଖ୍ୟମନ୍ତ୍ରୀ** କୃତଜ୍ଞତା ଜଣାଇଛନ୍ତି।

## ସିଭିଲ୍ ଡିଫେନ୍ସ-ମକ୍ ଡ୍ରିଲ୍

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆସନ୍ତାକାଲି ରାଜ୍ୟର ୧୨ଟି ସ୍ଥାନ-ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର,

ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ତାଳଚେରରେ ସୁରକ୍ଷା ସମ୍ପର୍କିତ ମକ୍‌ଡ୍ରିଲ୍ କରାଯିବ। ଏଥିପାଇଁ ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି। ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ କହିଛନ୍ତି, ଆସନ୍ତାକାଲି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିବ। ଆସନ୍ତାକାଲିଠାରୁ ପର୍ଯ୍ୟାୟକ୍ରମେ ୭ ଦିନ ଧରି ରାଜ୍ୟରେ ସୁରକ୍ଷା ସମ୍ପର୍କିତ ମକ୍‌ଡ୍ରିଲ୍ ହେବ। ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ଉପକୂଳବର୍ତ୍ତୀ ଜିଲ୍ଲା ଓ ସହରାଞ୍ଚଳରେ ମକ୍‌ଡ୍ରିଲ୍ କରାଯିବ। ବିଶେଷକରି ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ, କେଉଁ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯିବ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ। ଆକ୍ରମଣ ସମୟରେ କଂକ୍ରିଟ୍ ଛାତ ତଳେ ଆଶ୍ରୟ ନେବା ପାଇଁ ଲୋକମାନଙ୍କୁ ପରାମର୍ଶ ଦିଆଯିବ। ଏଥିସହ ବସ୍ତି ଅଂଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯିବ।

୫ ମିନିଟ୍ ପରେ ପୁଣି ଥରେ ସାଇରନ୍ ବାଜିଲେ ମକ୍‌ଡ୍ରିଲ୍ ଶେଷ ହେବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି।

ମକ୍‌ଡ୍ରିଲ୍ ସମ୍ପର୍କରେ ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର କହିଛନ୍ତି, ଏଥିରେ ସାଧାରଣ ନାଗରିକଙ୍କ ସମେତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସାମିଲ କରାଯିବ।

**-V/O-***(Kamal Lochana Mishra)*

ଶତ୍ରୁ ପକ୍ଷ ଆକ୍ରମଣ ସମୟରେ ନାଗରିକ ସୁରକ୍ଷା ଦିଗ ଉପରେ ପଦକ୍ଷେପ ନେବା ସହ ସାଧାରଣ ଜନତା ଏବଂ ଛାତ୍ରଛାତ୍ରୀଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

*********************************